# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ : ରାୟଗଡ଼ା ଶାଖା ତରଫରୁ ସ୍ୱାଗତ ଉତ୍ସବ



ରାୟଗଡା : ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଆନୁକୂଲ୍ୟରେ ହୋଇଥିବା ରାୟଗଡା ଶାଖା ତରଫରୁ ନୂତନ ଭାବେ ଯୋଗଦାନ କରିଥିବା ୨୮ ଜଣ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଏହି ସ୍ୱାଗତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦର ଉପାଧ୍ୟକ୍ଷ ନିରଂଜନ ବକ୍ସିପାତ୍ର ଯୋଗ ଦେଇ ଏହି ମୁକ୍ତ ବିଦ୍ୟାଳୟ ବର୍ତମାନ ପରିପ୍ରେକ୍ଷୀରେ ସମସ୍ତଙ୍କୁ ଶିକ୍ଷାଦାନ କରିବାର ସୁଯୋଗ ଦେଇଛି । ସମୟ ଅଭାବରୁ ଯେଉଁମାନେ ଶିକ୍ଷାଦାନ କରିପାରୁନଥିଲେ ବର୍ତମାନ ପରିସ୍ଥିତିରେ ଏହି ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ମାଧ୍ୟମରେ ଛାତ୍ର ଛାତ୍ରୀ ମାନେ ଖୁବ୍ ଅଳ୍ପ ଟଙ୍କାରେ ଶିକ୍ଷାଦାନ କରିପାରୁଛନ୍ତି । ଯାହାକି ଆଗାମୀ ଦିନରେ ଛାତ୍ର ଛାତ୍ରୀ ମାନଙ୍କୁ ଅଧିକ ରୁ ଅଧିକ ଶିକ୍ଷିତ କରିବାରେ ଏହି ମୁକ୍ତ ବିଶ୍ୱବିଦ୍ୟାଳୟ ସହାୟକ ହେବ ବୋଲି ଶ୍ରୀ ବକ୍ସିପାତ୍ର ପ୍ରକାଶ କରିଥିଲେ । ଆଜିର ଏହି ସ୍ୱାଗତ ଉତ୍ସବରେ ସେଟଂର କର୍ଡିନେଟର କେ ସାଲବା ରାଜୁ, ଅଧ୍ୟାପକ ଏସ.ଏନ.ତ୍ରିପାଠୀ, ଏବଂ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ମହେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ ।